# ଆମ ଟଙ୍କା ଫେରାଇବ କେବେ?

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସ, ତାଙ୍କ ବିଧାୟକପୁଅ ଏବଂ ପରିବାରଙ୍କୁ ନେଇ ଗତ କିଛିଦିନ ଧରି ଯେଉଁ ବିବାଦ ମୁଣ୍ଡ ଟେକିଛି ତାହା ପ୍ରଥମେ ଆମକୁ ଆମୋଦିତ କରୁଥିଲା; ଏବେ କିନ୍ତୁ ବିବ୍ରତ କରୁଛି। ସମୁଦାୟ ବ୍ୟାପାରରେ ବିଭିନ୍ନ ଚରିତ୍ରମାନେ ଯେଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି, ତାହାହିଁ ଆମେ ବିବ୍ରତ ହେବାର ମୁଖ୍ୟ କାରଣ। ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ କୌଣସି ନା କୌଣସି ଉପାୟରେ ବିବାଦକୁ ଚପାଇ ଦେବା ପାଇଁ ସମସ୍ତେ ଉଦ୍ୟମ କରୁଛନ୍ତି ବୋଲି ଆମର କାହିଁକି ସନ୍ଦେହ ହେଉଛି। ବିଧାୟକପୁଅଙ୍କର ଦୁଇ କିସ୍ତିରେ ଦୁଇଟି ଜମି ଓ ଘର ଫେରାଇ ଦେବା ଘଟଣା ଏବଂ ପରେ ସରକାରଙ୍କର ଜମି ଆବଣ୍ଟନରେ ହୋଇଥିବା ଅନିୟମିତତାର ତଦନ୍ତ କରିବା ପାଇଁ ଟାସ୍କଫୋର୍ସ ଗଠନ, ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କର ଉଲ୍ଲେଖନୀୟ ନିରବତା ଏଭଳି ଏକ ସୁଚିନ୍ତିତ କୌଶଳ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସମୁଦାୟ ବ୍ୟାପାରରେ ମୂଳ ପ୍ରସଙ୍ଗଟି କ'ଣ? ଅଭିଯୁକ୍ତଙ୍କର ଏ ସମ୍ପର୍କରେ ମୂଳ ବୟାନଟି କ'ଣ ଥିଲା? ଏବଂ ପରେ ସେ କ'ଣ କଲେ? ବର୍ତ୍ତମାନ ସରକାର କ'ଣ କରିବାକୁ ଯାଉଛନ୍ତି? ଏହି ସରଳ ପ୍ରଶ୍ନଗୁଡ଼ିକର ଉତ୍ତର ଆଦୌ ଜଟିଳ ନୁହେଁ। ଅଥଚ ସମସ୍ୟାଟି ଅଧିକ ଜଟିଳ ହେବାରେ ଲାଗିଛି।

ମୂଳ ପ୍ରସଙ୍ଗ ହେଲା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବା ପରେ ରାଜଧାନୀ ସହରର ବହୁ ମୂଲ୍ୟବାନ୍ ଜମି ଓ ଘର ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ନିଜର ଅନୁଗତ ଓ ନେତାମାନଙ୍କ ମଧ୍ୟରେ ବାଣ୍ଟି ଦେଇଛନ୍ତି। ନିୟମଟି ହେଲା, ଯଦି କୌଣସି ବ୍ୟକ୍ତିଙ୍କର ନିଜ ନାମରେ ବା ନିଜ ପରିବାର ସଦସ୍ୟଙ୍କ ନାମରେ ରାଜଧାନୀ ସହରରେ ଜମି ବା ଘର ଥିବ, ତା'ହେଲେ ସେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଜମି, ଘର ପାଇପାରିବେ ନାହିଁ। ନିଜର ଜମି କି ଘର ଅଛି କି ନାହିଁ ଜାଣିବା ପାଇଁ ସରକାର ଆବେଦନକାରୀଙ୍କର ସତ୍ୟପାଠ ଉପରେ ନିର୍ଭର କରିଥାନ୍ତି। ଏହି ନିୟମଟିକୁ ବୁଝିବା ଆଦୌ କଷ୍ଟକର ନୁହେଁ। କିନ୍ତୁ କଳ୍ପତରୁଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସରକାରଙ୍କୁ ଏତେ କଷ୍ଟ ହେଉଛି କାହିଁକି? କଳ୍ପତରୁବାବୁଙ୍କର ପ୍ରତିକ୍ରିୟା ମଧ୍ୟ ଅନୁରୂପ ଭାବେ ହାସ୍ୟାସ୍ପଦ। ପ୍ରଥମେ ସେ ପରିବାରର ପରିଭାଷା ବଦଳାଇବାକୁ ଚେଷ୍ଟା କଲେ। ପରେ ତାଙ୍କ ବିଧାୟକପୁଅ ନୈତିକ ମୂଲ୍ୟବୋଧ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ପ୍ରସଙ୍ଗ ଉଠାଇ ଦୁଇ କିସ୍ତିରେ ଦୁଇଟି ଘର ଫେରାଇଦେଲେ; ସତେ ଯେପରି ନିଜସ୍ୱ ଜମିଦାରିରୁ ଭୂମିହୀନଙ୍କ ପାଇଁ ଭୂଦାନଯଜ୍ଞ ସମିତିକୁ ସେ କିଛି ଜମି ଦାନ କରୁଛନ୍ତି। କଳ୍ପତରୁ ପରିବାରଙ୍କ ଜମି ଫେରସ୍ତ ନାଟକ କି ବାର୍ତ୍ତା ଦେଉଛି? ଯଦି ସେ କୌଣସି ନିୟମ ଉଲ୍ଲଂଘନ କରି ନାହାନ୍ତି, ତା'ହେଲେ ଫେରାଇବାର ପ୍ରଶ୍ନ ଉଠୁଛି କାହିଁକି? ସତ୍ୟପାଠରେ ଯଦି କୌଣସି ମିଛକଥା ଲେଖିନାହାନ୍ତି, ତା'ହେଲେ ମାନହାନି ମକଦ୍ଦମା କରୁନାହାନ୍ତି କାହିଁକି? ଯଦିବା ଦଳୀୟ ସ୍ୱାର୍ଥ ଏବଂ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି କଥା ଭାବି ମୂଲ୍ୟବୋଧର ବାନା ଉଡ଼ାଇଲେ, ଏକାଥରକେ ତାହା କଲେ ନାହିଁ କାହିଁକି? ଆମର କାହିଁକି ମନେ ହେଉଛି, ପୁଲିସ ମାଡ଼ରେ ଅପରାଧୀ ଯେପରି କିସ୍ତିୱାରୀ ସତକଥା କହିବାକୁ ଆରମ୍ଭ କରେ, କଳ୍ପତରୁବାବୁ ଏବଂ ବିଜେଡି ଦଳ ଲୋକଲଜ୍ଜାର ଚାପରେ ଧିରେଧିରେ ସତକଥା କହିବାକୁ ବାଧ୍ୟ ହୋଇଛନ୍ତି। ପୁଣି ଚାପ ପ୍ରୟୋଗ କଲେ ଆହୁରି ଅଧିକ ସତ୍ୟ ପ୍ରକାଶ ପାଇବ।

ଲକ୍ଷ୍ୟ କରିବାର କଥା ଯେ, ବେନିୟମ ଭାବେ ହାତେଇଥିବା ଜମି ଓ ଘର ଫେରାଇବାର ଏପରି ନାଟକ ନୂଆ ନୁହେଁ। ୨୦୧୧ ମସିହାରେ ମଧ୍ୟ ନବୀନବାବୁଙ୍କ ମନ୍ତ୍ରିମଣ୍ଡଳର ଜନୈକ ମନ୍ତ୍ରୀ ଏହିଭଳି ଢଙ୍ଗରେ ସରକାରୀ ଜମି ଓ ଘର ଫେରାଇଥିଲେ। ସତେ ଯେପରି ଫେରାଇଦେବା ଫଳରେ ସବୁ ପାପ ଧୋଇ ହୋଇଗଲା। ଅସଲ ପ୍ରସଙ୍ଗଟି ଜମି ଓ ଘର ନେବା ବା ଫେରାଇବା ନୁହେଁ। ନବୀନଙ୍କ ଦଳର ନେତାମାନଙ୍କର ସମ୍ପତ୍ତିର ଅଭାବ ନାହିଁ। ଜମି ଖଣ୍ଡେ ବା ଘର ଖଣ୍ଡେ ଫେରେଇ ଦେଲେ ସେମାନେ ଭୂମିହୀନ ହୋଇଯିବେ ନାହିଁ। ଅସଲ ପ୍ରସଙ୍ଗ ହେଲା, ମିଛ କହି, କ୍ଷମତାର ଅପବ୍ୟବହାର କରି ଲୋକଙ୍କ ସମ୍ପତ୍ତିକୁ ହଡ଼ପ କରିବା। ଏ ଅପରାଧ ଛୋଟ ଅପରାଧ ନୁହେଁ। ମୁଖ୍ୟମନ୍ତ୍ରୀଙ୍କର ନିରବତା 'ମୌନେ ସମ୍ମତି ଲକ୍ଷଣମ୍' ସଦୃଶ ହେଉଛି। ପୁଣି ତାଙ୍କର ଅନ୍ୟଜଣେ ସହଯୋଗୀ ମନ୍ତ୍ରୀଙ୍କର ପ୍ରତିକ୍ରିୟା ଆହୁରି ଅଧିକ ହାସ୍ୟାସ୍ପଦ। କଂଗ୍ରେସ ସରକାର ଅମଳରେ ଆମଠାରୁ ଅଧିକ ଇଚ୍ଛାଧୀନ କୋଟା କ୍ଷମତାକୁ ପ୍ରୟୋଗ କରାଯାଇଛି ବୋଲି ତାଙ୍କର ଯୁକ୍ତି। କଂଗ୍ରେସର ଦୁର୍ନୀତି ଓ ଅପାରଗତାକୁ ମୂଳ ପ୍ରସଙ୍ଗ କରି ବିଜେଡି କ୍ଷମତାକୁ ଆସିଲା। ଏବେ ମଧ୍ୟ କଂଗ୍ରେସ ବହୁ ଚେଷ୍ଟାକରି କ୍ଷମତାକୁ ଫେରିପାରୁ ନାହିଁ। ନିଜ କର୍ମଫଳ ଭୋଗୁଛି। ବିଜେଡି ମନ୍ତ୍ରୀ ନିର୍ଲଜ୍ଜ ଭାବରେ କଂଗ୍ରେସଠାରୁ କମ୍ ଦୁର୍ନୀତି କରିଛନ୍ତି ବୋଲି କହି ବୁଲୁଛନ୍ତି। ଆଇନ ଦୃଷ୍ଟିରେ କାକୁଡ଼ି ଚୋର ଓ କଖାରୁ ଚୋର ଉଭୟ ସମାନ। କଳ୍ପତରୁଙ୍କ ବ୍ୟାପାରରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ମଧ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏ ବ୍ୟାପାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଟାସ୍କଫୋର୍ସ ଗଠନ କରିବାର କୌଣସି ଆବଶ୍ୟକତା ନାହିଁ। କଳ୍ପତରୁ ସତ କହୁଛନ୍ତି କି ମିଛ କହୁଛନ୍ତି, ଜାଣିବା ପାଇଁ ତାଙ୍କର ସତ୍ୟପାଠ ଓ ସରକାରୀ ଦସ୍ତାବିଜ୍ ଯଥେଷ୍ଟ। ଜଣେ ପୁଅ କି ଝିଅ ତାହା ଜାଣିବା ପାଇଁ କ'ଣ ମେଡିକାଲ କମିସନର ଆବଶ୍ୟକତା ଅଛି? ତାକୁ ଲଙ୍ଗଳା କରିଦେଲେ ସେ ପୁଅ କି ଝିଅ ଜାଣିହେବ। ମୁଖ୍ୟମନ୍ତ୍ରୀ ନିଜେ ସମ୍ପୂର୍ଣ୍ଣ ଉଲଗ୍ନ ହେଲା ପରେ ବି ତାଙ୍କର ସନ୍ଦେହମୋଚନ ହେଉନାହିଁ। ତଥାପି ଟାସ୍କଫୋର୍ସ ଗଠନକୁ ଗୋଟିଏ ଦୃଷ୍ଟିରୁ ସ୍ୱାଗତ କରିବା କଥା। ନିର୍ଦ୍ଧାରିତ ସମୟରେ ବିଗତ ବର୍ଷଗୁଡ଼ିକରେ ସରକାରୀ ନିୟମର ଉଲ୍ଲଂଘନ କରି ସରକାରୀ ସମ୍ପତ୍ତିର ହଡ଼ପକାରୀଙ୍କର ଚିଠାଟିଏ ଯଦି ତାହାଦ୍ୱାରା ପ୍ରସ୍ତୁତ ହୋଇପାରିବ ଏବଂ ତା'ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଯଦି ସାହସ କୁଳାଇପାରିବେ ତା'ହେଲେ ଓଡ଼ିଶା ପାଇଁ ଶୁଭଙ୍କର ହେବ।

ଜମି ଓ ଘର ଫେରାଇବା ନାଟକ ଦେଖି ସ୍ୱାଭାବିକ ଭାବରେ ଆଉ ଏକ ପ୍ରସଙ୍ଗ ମନକୁ ଆସୁଛି। ବେଆଇନ ଭାବେ ହାତେଇଥିବା ଲୋକଙ୍କ ସମ୍ପତ୍ତି ଫେରେଇ ଦେଲେ ଯଦି ପାପରୁ ମୁକ୍ତି ମିଳୁଛି, ମୁଖ୍ୟମନ୍ତ୍ରୀ ଓ ତାଙ୍କର ସହଯୋଗୀଙ୍କର ପ୍ରୋତ୍ସାହନରେ ଓଡ଼ିଶାର ଲକ୍ଷଲକ୍ଷ ଲୋକଙ୍କଠାରୁ ହଡ଼ପ ହୋଇଥିବା ହଜାର ହଜାର କୋଟି ଟଙ୍କା ଫେରସ୍ତ ଦେବା ପାଇଁ ସରକାର ତତ୍ପର ହେଉନାହାନ୍ତି କାହିଁକି? ଏଥିପାଇଁ ବରଂ ଟାସ୍କଫୋର୍ସଟିଏ ଗଢ଼ିଥିଲେ ତାହା ଅଧିକ ସ୍ୱାଗତଯୋଗ୍ୟ ହୋଇଥାନ୍ତା। ଚିଟ୍‌ଫଣ୍ଡ ଦୁର୍ନୀତି ଫଳରେ କ୍ଷତିଗ୍ରସ୍ତ ହୋଇଥିବା ସାଧାରଣ ଲୋକ ସରକାରଙ୍କର ଆଭିମୁଖ୍ୟକୁ ଅନାଇ ବସିଛନ୍ତି। ଏ କ୍ଷେତ୍ରରେ ନବୀନବାବୁ ଓ ତାଙ୍କ ସରକାରର ଆଚରଣ ମଧ୍ୟ ଆଦୌ ଗ୍ରହଣୀୟ ହୋଇନାହିଁ। ଗତ ସପ୍ତାହରେ ନିର୍ଦ୍ଦିଷ୍ଟ ରାଜନେତାଙ୍କ ଘରେ ହୋଇଥିବା ସିବିଆଇ ଚଢ଼ଉ ଚିଟ୍‌ଫଣ୍ଡ ଦୁର୍ନୀତିରେ ସରକାରୀ ସମ୍ପୃକ୍ତିକୁ ସ୍ପଷ୍ଟ ଭାବରେ ସୂଚାଇ ଦେଇଛି। ଏ ନେଇ କେତୋଟି ପ୍ରଶ୍ନ ଏବେ ଆମକୁ ଆନ୍ଦୋଳିତ କରୁଛି। ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ନହେଉ ବୋଲି ସାଧାରଣ ଜନତାଙ୍କ ଅର୍ଥରେ ସରକାର ଦାମିକା ଓକିଲ ଦେଇ ସୁପ୍ରିମକୋର୍ଟରେ ଯୁକ୍ତି ବାଢୁଥିଲେ କାହିଁକି? ପୁଣି ଯଦିବା ସିବିଆଇ ଅନୁସନ୍ଧାନ ହେବ, ଅନ୍ତତଃପକ୍ଷେ ଛଅଟି ଚିଟ୍‌ଫଣ୍ଡ କମ୍ପାନି ସମ୍ପର୍କରେ ତଦନ୍ତ ନହେଉ ବୋଲି ବିତଣ୍ଡା ଯୁକ୍ତି କରୁଥିଲେ କିପରି? ଏ ଛଅଟି କମ୍ପାନି ସହିତ ମୁଖ୍ୟମନ୍ତ୍ରୀଙ୍କର ଓ ବିଜେଡି ବଡ଼ପଣ୍ଡାମାନଙ୍କର କି ସମ୍ପର୍କ ରହିଛି? ନିର୍ବାଚନ ପୂର୍ବରୁ ଏସବୁ କିପରି ଅଧିକ ପ୍ରଘଟ ନହେଉ, ସେମାନଙ୍କ ପଇସାରେ ନିର୍ବାଚନ ଖର୍ଚ୍ଚ କିଛି ଉଠାଯାଉ, ଆମେ ଏଭଳି ସନ୍ଦେହ କରିବା କ'ଣ ଅମୂଳକ?

ନିର୍ବାଚନ ଜିତିଗଲା ପରେ ପାଞ୍ଚ ବର୍ଷ ପାଇଁ ଆଉ କୌଣସି ବିପଦ ନାହିଁ- ଏଭଳି ଏକ ଭାବନା ନବୀନବାବୁଙ୍କୁ ଗ୍ରାସ କରିଛି। କିନ୍ତୁ ନିରଙ୍କୁଶ କ୍ଷମତା ଓ ଅହଙ୍କାର ଯେ ସର୍ବନାଶର କାରଣ ହୁଏ, ଏହାର ମଧ୍ୟ ଅନେକ ନଜିର ଅଛି। ଏବେବି ସମୟ ଅଛି। ନବୀନବାବୁ ସଚେତନ ହୁଅନ୍ତୁ। ଆଉ ଏକ ଟାସ୍କଫୋର୍ସ ଗଠନ କରି ଚିଟ୍‌ଫଣ୍ଡ କମ୍ପାନି ଦ୍ୱାରା କ୍ଷତିଗ୍ରସ୍ତ ଗରିବ ଓଡ଼ିଆଙ୍କୁ ଚିହ୍ନଟ କରନ୍ତୁ। ତାଙ୍କର ଗୋଟିଏ ପ୍ରଶ୍ନର ଉତ୍ତର ଦିଅନ୍ତୁ- ଆମ ଟଙ୍କା ଫେରାଇବ କେବେ?